OPEN ACCESS

*Int. Jr. of Contemp. Res. in Multi.* *PEER-REVIEWED JOURNAL* *Volume 5 Issue 1 [Jan- Feb] Year 2026*




*Research Article*

# ପଞ୍ଚସଖା ସାହିତ୍ୟରେ ଶ୍ରୀଜଗନ୍ନାଥ

**ବଶିଷ୍ଠ କୁମାର ବେହେରା**
ଆନନ୍ଦପୁର ମହାବିଦ୍ୟାଳୟ,କେନ୍ଦୁଝର, ଭାରତ

**Corresponding Author:** *ବଶିଷ୍ଠ କୁମାର ବେହେରା

**DOI:** https://doi.org/10.5281/zenodo.21545707

**ସାରାଂଶ**

ଏହି ପ୍ରବନ୍ଧରେ ଓଡ଼ିଶାର ସାଂସ୍କୃତିକ, ଆଧ୍ୟାତ୍ମିକ ତଥା ଧାର୍ମିକ ବିବର୍ତ୍ତନର ଇତିହାସରେ ବୌଦ୍ଧଧର୍ମ, ଶ୍ରୀଚୈତନ୍ୟଙ୍କ ଗୌଡ଼ୀୟ ବୈଷ୍ଣବ ଧର୍ମ ଏବଂ ପଞ୍ଚସଖା ଆଭିମୁଖ୍ୟର ତୁଳନାତ୍ମକ ଓ ସମନ୍ୱୟାତ୍ମକ ବିଶ୍ଳେଷଣ କରାଯାଇଛି। ଷୋଡ଼ଶ ଶତାବ୍ଦୀରେ ଗଜପତି ପ୍ରତାପରୁଦ୍ରଦେବଙ୍କ ରାଜପୃଷ୍ଠପୋଷକତା ଲାଭ କରିଥିବା ଚୈତନ୍ୟଙ୍କ 'ରାଗାନୁଗା ପ୍ରେମଧର୍ମ' (ଶୁଦ୍ଧାଭକ୍ତି) ଏବଂ ପଞ୍ଚସଖାଙ୍କ ଯୋଗଭିତ୍ତିକ 'ଶୂନ୍ୟବାଦ' (ଜ୍ଞାନମିଶ୍ରା ଭକ୍ତି) ମଧ୍ୟରେ ଥିବା ବୈଚାରିକ ସଂଘର୍ଷ ଓ ସାଲିସପୂର୍ଣ୍ଣ ସମ୍ପର୍କକୁ ଏଥିରେ ପ୍ରତିପାଦିତ କରାଯାଇଛି। ଓଡ଼ିଶାର ପ୍ରାଚୀନ ବୌଦ୍ଧ ପରମ୍ପରା (ମହାଯାନ, ବଜ୍ରଯାନ ଓ ସହଜଯାନ) କିପରି ଓଡ଼ିଆ ଜନଜୀବନ ଓ ସାହିତ୍ୟକୁ ଗଭୀର ଭାବେ ପ୍ରଭାବିତ କରିଛି ଏବଂ କାଳକ୍ରମେ ବୌଦ୍ଧଧର୍ମର 'ଶୂନ୍ୟ' ଓ 'ନିର୍ବାଣ' ଚେତନା ଜଗନ୍ନାଥ ସଂସ୍କୃତି ସହ ସମୀକୃତ ହୋଇଛି, ତାହାର ଐତିହାସିକ ପ୍ରମାଣ ଏହି ପ୍ରବନ୍ଧରେ ଉପସ୍ଥାପିତ।

**Manuscript Information**

- **ISSN No:** 2583-7397
- **Received:** 10-12-2025
- **Accepted:** 21-02-2026
- **Published:** 28-02-2026
- **IJCRM:** 5(1); 2026: 804-808
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ବଶିଷ୍ଠ କୁମାର ବେହେରା. ପଞ୍ଚସଖା ସାହିତ୍ୟରେ ଶ୍ରୀଜଗନ୍ନାଥ. Int J Contemp Res Multidiscip. 2026;5(1):804-808.

**Access this Article Online**

www.multiarticlesjournal.com

**ପ୍ରମୁଖ ଶବ୍ଦ:** ପଞ୍ଚସଖା, ଶୂନ୍ୟବାଦ, ଶ୍ରୀଜଗନ୍ନାଥ ଚେତନା, ରାଗାନୁଗା ପ୍ରେମଧର୍ମ, ଜ୍ଞାନମିଶ୍ରା ଭକ୍ତି, ଉତ୍କଳୀୟ ବୈଷ୍ଣବ ଧର୍ମ, ସର୍ବଧର୍ମ ସମନ୍ୱୟ।



© 2026 ବଶିଷ୍ଠ କୁମାର ବେହେରା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ପରିଚୟ

ଚୈତନ୍ୟଙ୍କ ଦ୍ୱାରା ରାଗାନୁଗା ପ୍ରେମଧର୍ମ ଗଜପତି ପ୍ରତାପରୁଦ୍ର ଦେବଙ୍କ ଦୀକ୍ଷା ଗ୍ରହଣ ପରେ ରାଜପୃଷ୍ଠପୋଷକତା ଲାଭକରି ଓଡ଼ିଶାରେ ପ୍ରାଧାନ୍ୟ ବିସ୍ତାର କରିଥିଲା ଏହାର ମୂଳଧର ଥିଲା ଶୁଦ୍ଧାଭକ୍ତି । ଅନ୍ୟପକ୍ଷରେ ତତ୍କାଳୀନ ପଞ୍ଚସଖା ଥିଲେ ଶୂନ୍ୟବାଦୀ । ଜ୍ଞାନଯୋଗ ଓ ପ୍ରାଣାୟମ ଥିଲା ସେମାନଙ୍କର ଧର୍ମସାଧନର ପାଥେୟ । ଜ୍ଞାନମିଶ୍ରା ଭକ୍ତି ଥିଲା ଏହାର ମୂଳସୂତ୍ର । ପଞ୍ଚସଖାମାନେ ସେମାନଙ୍କ ଶୂନ୍ୟବାଦ ପ୍ରଧାନ ଆଧ୍ୟାତ୍ମିକ ବିଶ୍ୱାସ ଓ ବିଚାର ପାଇଁ ଅନେକ ସମୟରେ ରାଜାନୁଗ୍ରହର ଶରବ୍ୟ ହେଉଥିଲେ ବୋଲି କିମ୍ବଦନ୍ତୀରୁ ଜଣାଯାଏ । ଏହି ରାଜାନୁଗ୍ରହରୁ ରକ୍ଷା ପାଇବା ପାଇଁ ଆତ୍ମାରେ ଶୂନ୍ୟବାଦୀ, ଯୋଗମୂଖୀ ଓ ଜ୍ଞାନମୁଖୀ ଥାଇ ବାହ୍ୟତଃ ରାଗାନୁଗା ପ୍ରେମଧର୍ମୀ ସାଜି ଏକ ସାଲିସ କରିବା ପାଇଁ ହୁଏତ ପଞ୍ଚସଖାମାନେ ଚେଷ୍ଟିତ ଥିଲେ ଓ ଏହି କାରଣରୁ ସେମାନେ ଚୈତନ୍ୟଙ୍କର ପଞ୍ଚସଖା ରୂପେ ପୀତିଭାଜନ ହୋଇଥିଲା ।

ପଞ୍ଚସଖାଙ୍କ ଶୂନ୍ୟବାଦ ବୌଦ୍ଧଧର୍ମର ନିର୍ବାଣ ଦ୍ୱାରା କେତେକ ସାମଞ୍ଜସ୍ୟକୁ ଲକ୍ଷ୍ୟକରି କେହି କେହି 'ପଞ୍ଚସଖା'ଙ୍କୁ ପ୍ରଚ୍ଛନ୍ନ ବୌଦ୍ଧରୂପେ ଅଭିହିତ କରିଛନ୍ତି । ଶୂନ୍ୟବାଦୀ ଓ ଯୋଗାଚାରୀ ବୋଲି ଯଦି ପଞ୍ଚସଖାମାନଙ୍କୁ ପ୍ରଚ୍ଛନ୍ନ ବୌଦ୍ଧ ବୋଲି କୁହାଯାଏ । ତେବେ ରାଗାନୁଗା ପ୍ରେମଧର୍ମ ନାମରେ ପରାଜୟ ପ୍ରୀତି ସାଧକ ଚୈତନ୍ୟମାର୍ଗୀମାନଙ୍କୁ ନିଶ୍ଚୟ ସହଜିଆ କୁହାଯିବ । ତଥାପି ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ ପଞ୍ଚସଖା ଧର୍ମ ଉପରେ ଶୂନ୍ୟସନ୍ଧାନୀ ବୌଦ୍ଧଧର୍ମର ଯଥେଷ୍ଟ ପଡ଼ିଥିଲା । ଓଡ଼ିଶାରେ ବୌଦ୍ଧଧର୍ମର ସହସ୍ରାଧିକ ବର୍ଷର ପ୍ରାଚୀନ ପରମ୍ପରା ଥିବାରୁ ଭିନ୍ନଭିନ୍ନ କାଳରେ ଯେ କୌଣସି ଧର୍ମମତବାଦ ପ୍ରଭାବଶାଳୀ ହେଉନା କାହିଁକି ଓଡ଼ିଆ ଜନଜୀବନରୁ ବୌଦ୍ଧଧର୍ମର ଚେତନା ନିଶ୍ଚିହ୍ନ ହୋଇଯାଇ ନାହିଁ । ଉତ୍କଳୀୟ ଜନତା ମହାଯାନୀ-ତ୍ରିରତ୍ନ-ଉଦ୍ଭବ ଜଗନ୍ନାଥଙ୍କୁ ଓଡ଼ିଶା ଜଗନ୍ନାଥଙ୍କ ସହିତ ସମାନ ବୋଲି ପରିକଳ୍ପନା କରି ବିଷ୍ଣୁଙ୍କ ନବମ ଅବତାର ରୂପେ ସ୍ଥାନ ଦେଇଛନ୍ତି । ବଜ୍ରଯାନ ପନ୍ଥୀ ସମ୍ବଲପୁର ରାଜା ଇନ୍ଦ୍ରଭୁତିଙ୍କର, 'ଜ୍ଞାନସିଦ୍ଧି' (୮ମ ଶତାବ୍ଦୀରେ ରଚିତ ଗ୍ରନ୍ଥ) ମଧ୍ୟ ଜଗନ୍ନାଥଙ୍କର ନବଜନ୍ମ ପାଇଁ ବହୁ ପରିମାଣରେ ଦାୟୀ । ଫଳରେ ପରବର୍ତ୍ତୀ କାଳରେ ଗୀତଗୋବିନ୍ଦ ସ୍ରଷ୍ଟା ଜୟଦେବ ମହାଭାରତରେ ସ୍ରଷ୍ଟା ସାରଳା ଦାସ, ଦେଉଳତୋଳାର ବିପ୍ର ନୀଳାମ୍ବର ଓ ପଞ୍ଚସଖାଙ୍କ ଦୃଷ୍ଟିର ଜଗନ୍ନାଥ ବୁଦ୍ଧଙ୍କଠାରେ ଅଭିନ୍ନ ମନେ ହୋଇଛନ୍ତି, ବଜ୍ରଯାନୀମାନଙ୍କର ବୁଦ୍ଧଗାମାନୁଯାୟୀ ଜଗନ୍ନାଥ ବିଷ୍ଣୁରେ ରୂପାନ୍ତରିତ ହୋଇଛନ୍ତି ।

ଓଡ଼ିଶାର ବୌଦ୍ଧଧର୍ମର ପରମ୍ପରା ଅତି ପ୍ରାଚୀନ । ବୁଦ୍ଧଦେବଙ୍କର ପ୍ରଥମ ଶିଷ୍ୟ ଦୁଇଜଣ ତପସୁ ଓ ଉଲ୍ଲୁକ ଥିଲେ ଓଡ଼ିଶା ବଣିକ । ଖ୍ରୀ.ପୂ. ତୃତୀୟ ଶତକରେ ଓଡ଼ିଶାବାସୀ ବୌଦ୍ଧସନ୍ୟାସୀ ଉପଗୁପ୍ତଙ୍କ ଦ୍ୱାରା ଚଣ୍ଡାଶୋକକରେ ପରିଣତ ହୋଇଥିଲେ। ଖ୍ରୀଷ୍ଟିୟ ପ୍ରଥମ ଶତକରେ ଆନ୍ଧ୍ରରାଜବଂଶର ରାଜତ୍ୱ ସମୟରେ ଓଡ଼ିଶାରେ ବୌଦ୍ଧଧର୍ମର ପ୍ରସ୍ତର ପ୍ରବଳ ଭାବରେ ହୋଇଥିବା କଥା ଇତିହାସରୁ ଜଣାଯାଏ । ମହାଯାନ ବୌଦ୍ଧଧର୍ମର ପ୍ରଧାନଗ୍ରନ୍ଥ 'ଅଷ୍ଟସହସ୍ତିକା' ଓ 'ପ୍ରଜ୍ଞା ପାରମିତାର' ଟୀକାକାର ବିଖ୍ୟାତ ବୌଦ୍ଧ ଦାର୍ଶନିକ ନାଗାର୍ଜୁନ ଦ୍ୱିତୀୟ ଶତାବ୍ଦୀରେ ଓଡ଼ିଶାରେ ଆଧ୍ୟାତ୍ମିକ ଦର୍ଶନ ପ୍ରସ୍ତର କରିଥିଲେ । ହୁଏନ୍‌ସାଂଙ୍କର ଓଡ଼ିଶା ଆଗମନ କାଳରେ ଓଡ଼ିଶାରେ ବୌଦ୍ଧଧର୍ମ ପ୍ରାଧାନ୍ୟଲାଭ କରିଥିଲା ବୋଲି ତାଙ୍କ ବିବରଣୀରୁ ଜଣାଯାଏ । ଅଷ୍ଟମ ଶତାବ୍ଦୀରେ ବଜ୍ରଯାନ ପନ୍ଥୀ ଇନ୍ଦ୍ରଭୂତି ଥିଲେ ଓଡ଼ିଶାର (ସମ୍ବଲପୁର)ର ରାଜା ତାଙ୍କରି ଶିଷ୍ୟ ଅନଙ୍ଗ ବଜ୍ର ମଧ୍ୟ ବୌଦ୍ଧ ଥିଲେ ବୋଲି ପ୍ରମାଣ ମିଳିଛି । ଓଡ଼ିଶାର ଇତିହାସ ଆଲୋଚନା କଲେ ଜଣାଯାଏ ଅଷ୍ଟମ ଶତାବ୍ଦୀର ଶେଷଭାଗରେ (୭୯୫)ରେ ଜୀବିତ ଥିବା ରାଜା ଶୁଭକେଶରୀ ଜଣେ ଓଡ଼ିଶାବାସୀ ବୌଦ୍ଧ ପ୍ରଜାଙ୍କୁ ନେପାଳ ପଠାଇଥିଲେ । ସହଜଯାନର ପ୍ରବର୍ତ୍ତିକା ଲକ୍ଷ୍ମୀଙ୍କର । (ଇନ୍ଦ୍ରଭୂତିଙ୍କର ଭଗ୍ନୀ) ପଦ୍ମସମ୍ଭବ (ଇନ୍ଦ୍ରଭୂତଙ୍କର ପୁତ୍ର) ଶାନ୍ତି ରକ୍ଷିତ (ଇନ୍ଦ୍ରଭୂତିଙ୍କର ପତ୍ନୀ) ପ୍ରଭୃତି ଥିଲେ ଓଡ଼ିଶାବାସୀ ଚଉରାଶୀଜଣ ସିଦ୍ଧଶ୍ଚର୍ଯ୍ୟଙ୍କ ମଧ୍ୟରୁ ଶରହପାଦ, ଶବରପାଦ, ଲୁଇପାଦ, କାହ୍ନୁପାଦ, ରୁଶୁକୁ, ଶାନ୍ତିଦେବ, ବିନ୍ଦୁରୀପାଦ, ଗୁଣ୍ଡୁରୀପାଦ,ଆର୍ଯ୍ୟପାଦ, ବୀଣାପାଦ, ଦାରିକିପାଦ, ଡ଼ୋମୀପାଦ, ମହୀଧରପାଦ, ନିଙ୍କଣପାଦ, କମ୍ବଳପାଦ, ଜୟନନ୍ଦୀ, ଶତକାପାଦ, ତନ୍ତୀପାଦ, ଗୁଞ୍ଜରୀପାଦ, ବିରୂପା, କାଟୀଳପା, ତେନ୍ଧନ, ଅସିତିଘ୍ନ, ବୁଦ୍ଧଶ୍ରୀଜ୍ଞାନ, ଲୀଳାବ୍ରଜ, ଆଚାର୍ଯ୍ୟ ଅଭୟଙ୍କର ଗୁପ୍ତ, ଘମଳବର୍ଣ୍ଣ, ନିର୍ବାତାଶ୍ରୀ, ପଙ୍କ, ନାରୋପା, ବୋଧିଶ୍ରୀ ପ୍ରମୁଖଙ୍କର ଜନ୍ମଭୂମି ଅଥବା କର୍ମଭୂମି ଥିଲା ଓଡ଼ିଶା । ବଜ୍ରଯାନୀ-ପନ୍ଥୀ ଇନ୍ଦ୍ରଭୂତ ତାଙ୍କର 'ଜ୍ଞାନସିଦ୍ଧି' ଗ୍ରନ୍ଥରେ ଜଗନ୍ନାଥ ଓ ବୁଦ୍ଧଙ୍କୁ ଅଭିନ୍ନ କଳ୍ପନା କରିଛନ୍ତି –" **ପ୍ରଣିପତ୍ର ଜଗନ୍ନାଥ ସର୍ବଜୀନ ବରାର୍ଚିତମ୍ / ସର୍ବ ବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମ ।/ ଅତଏବ ଜଗନ୍ନାଥ ବାଳାନଂ ପ୍ରତିବୋଧନେ/ ନିର୍ବାଣଂ ଦର୍ଶୟନତୈବ ରୂପସ୍ୟ ନିତ୍ୟଦର୍ଶକାଃ/ ତତ୍ର ତତ୍ର ଜଗନ୍ନାଥୈ ଦେଶିତ କରୁଣାମ୍ଭିଃ ।"**

ଇନ୍ଦ୍ରଭୁତିଙ୍କର ଶିଙ୍ଗା ଅନଙ୍ଗବଜ୍ରଙ୍କର 'ପ୍ରଜ୍ଞାଜୟ ବିନିଶ୍ଚୟ ସିଦ୍ଧି' ଗ୍ରନ୍ଥରେ ମଧ୍ୟ ବୁଦ୍ଧଙ୍କୁ ଜଗନ୍ନାଥ ନାମରେ ନାମିତ କରାଯାଇଛି । ଫଳରେ ଓଡ଼ିଶାରେ ଜଗନ୍ନାଥଙ୍କର ନୂତନ ପରିକଳ୍ପନା ପାଇଁ ପ୍ରେରଣାର ସୃଷ୍ଟି ହୋଇଛି ।

ଦ୍ୱାଦଶ ତ୍ରୟୋଦଶ ଶତାବ୍ଦୀ ଜଗନ୍ନାଥ ଯେ ବୁଦ୍ଧ ଏ ଧାରଣା ଦୃଢ଼ ହୋଇସାରିଲାଣି । ଯାହାଫଳରେ ଗୀତଗୋବିନ୍ଦ ସ୍ରଷ୍ଟା ପରମବୈଷ୍ଣବ ଜୟଦେବ ଜଗନ୍ନାଥଙ୍କୁ ସ୍ତୁତିକଲାବେଳେ ଯଜ୍ଞ ବିରୋଧୀ ସ୍ତୁତିଗାନ କରିବସିଛନ୍ତି । ପରବର୍ତ୍ତୀ କାଳରେ ସାରଳା ଦାସ ମହାଭାରତର ବହୁ ସ୍ଥଳରେ ଜଗନ୍ନାଥଙ୍କୁ ଦୁପ ରୂପରେ ବର୍ଣ୍ଣନା କରିଛନ୍ତି । " **ବନ୍ଦଇ ଶ୍ରୀଜଗନ୍ନାଥ ବଇକୁଣ୍ଠ ବାସୀ/ ବୌଦ୍ଧ ରୂପେ ନୀଳଗିରି ଶିଖେ ଅଛି ବସି । (ମଧ୍ୟପର୍ବ) / ମହୋଦଧି ତୀରେ ବଡ଼ ଦେଉଳରେ ବସି/ ଦରିଦ୍ରମାନଙ୍କର ଦୁଃଖ ଦେଉଅଛି ଧ୍ୱଂସି/ ବଉଦ୍ଧ ରୂପରେ କଳିଯୁଗରେ ଅବତାର ହୋଇଣ / ପାପୀମାନଙ୍କୁ କରୁଛ ଉଦ୍ଧାର । ( ବିରାଟପର୍ବ)/ ସଂସାର ଜନଙ୍କୁ ସେହୁ ତାରିବା ନିମନ୍ତେ / ବଉଦ୍ଧ ରୂପରେ ବିଜେ ଅଛି ଜଗନ୍ନାଥେ (ସଭାପର୍ବ) ମହାବୌଦ୍ଧ ବିକାଶ ହୋଇଗଲା ତିନିରେଖା / କର ଚରଣ ପଲ୍ଲବ ନ ଦିଶଇ ଶିଖା ।" (ବନପର୍ବ)/ ଜଗନ୍ନାଥ ଦାସଙ୍କ ଦାରୁବ୍ରହ୍ମ ଗୀତାରେ ମଧ୍ୟ ଜଗନ୍ନାଥ ହେଉଛନ୍ତି ହଉଛନ୍ତି ବୁଦ୍ଧରୂପୀ ।/ "ଷଷ୍ଠ ଦିବସ ଅନ୍ତଚରଣ / ପାଦ ଯେ ପାଣି ହେଲାକ୍ଷୀଣ/ ବଉଦ୍ଧ ରୂପ ହେବାପାଇଁ/ ପାଦ ପାଣି ମିଳିଲା ତହିଁ ।"**

ବଳରାମ ଦାସଙ୍କ ' ଶୂନ୍ୟ ସଂହିତା'ର ବର୍ଣ୍ଣନା ଅନୁସାରେ କୃଷ୍ଣଙ୍କ ସଖା ବୃଦ୍ଧମାତା (ବୁଦ୍ଧମାତା) ଙ୍କଠାରୁ ପ୍ରକାଶିତ ସୁଦାମା ନିତ୍ୟ ବାସସ୍ଥଳରୁ ଫେରିବା ସମୟରେ ବୃଦ୍ଧ ନିରାକାର ମନ୍ତ୍ର ଗ୍ରହଣ କରିଥିଲେ । ଶ୍ରୀକୃଷ୍ଣ ନିଜ ବୌଦ୍ଧ ରୂପରେ ପ୍ରକାଶିତ ହେବାପାଇଁ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଶୂନ୍ୟ ସଂହିତାରେ ଶ୍ରୀକୃଷ୍ଣ ବ୍ରଜର ଶ୍ରୀକୃଷ୍ଣ ନୁହଁନ୍ତି । ବୌଦ୍ଧରୂପୀ ଜଗନ୍ନାଥ ବା ବୁଦ୍ଧ । ବିପ୍ର ନୀଳାମ୍ବରୀ ଦାସଙ୍କର ଦେଉଳତୋଳା ଜଗନ୍ନାଥଙ୍କର ଏହି ବୌଦ୍ଧ ରୂପାନ୍ତରର ଏକ ରୂପକ କହିଲେ ଭୁଲ ହେବ ନାହିଁ । ଶତାବ୍ଦୀ ଧରି ନାନା ଧର୍ମୀୟ ପରିବର୍ତ୍ତନ ମଧ୍ୟରେ ଉତ୍କଳୀୟ ଜନତାର ଧାର୍ମିକ ଚେତନାରେ ଯେଉଁ ବୌଦ୍ଧ ମୁଦ୍ରାଙ୍କନ ରହିଯାଇଥିଲା ସାହିତ୍ୟରେ ତା'ର ପଟ୍ଟାନ୍ତର ଘଟିଛି ମାତ୍ର । ତେଣୁ ପଞ୍ଚସଖାଙ୍କୁ ପ୍ରଚ୍ଛନ୍ନ ବୌଦ୍ଧ ରୂପରେ ପରିକଳ୍ପନା ମୂଳରେ ହୁଏତ ରହିଛନ୍ତି ମହାଯାନୀ ବୌଦ୍ଧଧର୍ମର 'ପଞ୍ଚଧ୍ୟାନୀବୁଦ୍ଧ' ।

ଏକ ଦିଗରେ ବୁଦ୍ଧ ଯେପରି ଜଗନ୍ନାଥରେ ରୂପାନ୍ତରିତ ହୋଇଛି, ଅନ୍ୟ ଦିଗରେ ସେହିପରି ମହାଯାନର ଶୂନ୍ୟବାଦ୍ କ୍ରମଶଃ ବଜ୍ରଯାନ ଓ ସହଜଯାନ ମଧ୍ୟ ଦେଇ ଓଡ଼ିଶା ସାହିତ୍ୟରେ ପ୍ରବେଶ ଲାଭ କରିଛି । ଓଡ଼ିଶା ବା ଓଡ଼ିଶାବାସୀ ବୌଦ୍ଧ


© 2026 ବଶିଷ୍ଟ କୁମାର ବେହେରା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ସିଦ୍ଧାଚାର୍ଯ୍ୟମାନଙ୍କର ଗାନ ଓ ଦୋହାଗୁଡ଼ିକର ଏହି ଶୂନ୍ୟ ଅଥବା ନୈରାତ୍ମ୍ୟର ସନ୍ଧାନ ମିଳେ । ଗାନ ଓ ଦୋହାଗୁଡ଼ିକର, ବିବୃତଶୂନ୍ୟ ,ଚତୁର୍ବିଧ ଶୂନ୍ୟ, ଅତିଶୂନ୍ୟ, ମହାଶୂନ୍ୟ ଓ ତୁରୀୟାତୀତ ଶୂନ୍ୟ (ନିର୍ମାଣ) । ସାରଳା ମହାଭାରତରେ ବକ୍ଷ୍ୟମାତା ସହଜରସ ବା ସହଜାନନ୍ଦ ସହଜ ଶୂନ୍ୟର ରୂପାନ୍ତର ମାତ୍ର । ପାଲି ବୌଦ୍ଧଶାସ୍ତ୍ର ଅନୁସାରେ ନିର୍ବାଣ ଅସ୍ତିବାଚକ ସତ୍ତା ନୁହେଁ କି ନାସ୍ତିବାଚକ ସତ୍ତା ନୁହେଁ । ଏ ଉଭୟଙ୍କର ମଧ୍ୟବର୍ତ୍ତୀ କୌଣସି ସତ୍ତା ମଧ୍ୟ ନୁହେଁ । " ଅସ୍ତିନାସ୍ତି ତଦୁଭୟାନୁଭୟ ଚତୁଷ୍କୋଟୀ ବିନିର୍ମୁକ୍ତ ଶୂନ୍ୟ । ଏହା ପ୍ରତୀତରୁ, ଅତୀତ, ଅସଂପ୍ରାପ୍ୟ, ଅନଚ୍ଛେଦ୍ୟ,ଅଶାଶ୍ୱତା, ଅନିରୁଦ୍ଧ, ଅନୁତ୍ପନ୍ନ, ବଚନାତୀତ, ବର୍ଣ୍ଣନାତୀତ, ପ୍ରକାଶତୀତ, କଳ୍ପନାତୀତ ଏକ ଅବସ୍ଥା ।

"ଅପ୍ରତୀତଂ ଅସମ୍ପ୍ରାପ୍ତଂ ଅନୁଚ୍ଛିନ୍ନ ଅଶାଶ୍ୱତମ୍ ।
ଅନିରୁଦ୍ଧଂ ଅନୁତ୍ପନ୍ନଂ ଏବ ନିର୍ବାଣମଚ୍ୟତେ ।" (ନାଗାର୍ଜୁନ)

ଏହାର ଜନ୍ମ ନାହିଁ କି ମୃତ୍ୟୁ ନାହିଁ, ହ୍ରାସ ନାହିଁକି ବୃଦ୍ଧି ନାହିଁ । ଏହା ଶୁଦ୍ଧ ନୁହେଁ କି ଅଶୁଦ୍ଧ ନୁହେଁ । ଏହା ହିଁ ଚରମ ପଦ ଓ ପରମ ପଦ ଏକମାତ୍ର କାଙ୍କ୍ଷଣୀୟ ଅବସ୍ଥା ମହାଯାନୀମାନଙ୍କ ମତରେ ବୁଦ୍ଧ ନିର୍ବାଣପ୍ରାପ୍ତ ହୋଇଥିବାରୁ ସ୍ୱୟଂ ଶୂନ୍ୟ ସ୍ୱରୂପ । ବୁଦ୍ଧ ନିରାକାର, ନିର୍ଗୁଣ । ସେ ଅଲକ୍ଷ୍ୟ ବା ଅଲେଖ, ସେ ନିରଞ୍ଜନ, ସର୍ବବ୍ୟାପୀ । ବଜ୍ରଯାନୀମାନଙ୍କ ମତରେ ଦୃଢ଼, ସାରାବାନ, ଶୌର୍ଯ୍ୟଶାଳୀ, ଅଚ୍ଛେଦ୍ୟ, ଅଭେଦ୍ୟ, ଅଦାହ୍ୟ, ଅବିନାଶୀ, ଲକ୍ଷଣାନ୍ୱିତ ଶୂନ୍ୟତା ହେଉଛି ବ୍ରଜା ଦେବତାଙ୍କର ପିତୁଳା ବା ପ୍ରତିମାକୁ ସେମାନେ ସ୍ୱୀକାର କଲେ ହେଁ ଏ ପ୍ରତିମା ସେମାନଙ୍କର ଦୃଷ୍ଟିରେ ଶୂନ୍ୟତାର ପ୍ରତୀକ । ବୌଦ୍ଧମାନଙ୍କ ଚେତନାର ବୁଦ୍ଧ ବା ଶୂନ୍ୟ ଯେତିକି ନିଷ୍କ୍ରିୟ ନିର୍ଗୁଣ ଅବସ୍ଥା, ସେତିକି ଜ୍ୟୋତିର୍ମୟ, କଲ୍ୟାଣମୟ, ଚଞ୍ଚଳ, ସକ୍ରିୟ ପୁରୁଷ ।
ଅବଶ୍ୟ ବୌଦ୍ଧଧର୍ମର ଏହି ଶୂନ୍ୟତା ଭାରତବର୍ଷରେ ନୂତନ ନୁହେଁ । ବୃହଦାରଣ୍ୟ କୋପନିଷଦ, କଠୋପ, ନିଷଦ ଓ ଛାନ୍ଦୋଗ୍ୟ ଉପନିଷଦ ମାନଙ୍କରେ ବହୁ ସ୍ଥଳରେ, ଶୂନ୍ୟବାଦର ସ୍ପଷ୍ଟ ଆଭାସ ରହିଛି ।

ବୌଦ୍ଧଧର୍ମର ବିଲୟ କାଳରେ ଶଙ୍କରାଚାର୍ଯ୍ୟ ବୌଦ୍ଧଶୂନ୍ୟବାଦକୁ ଖଣ୍ଡନ କରିଥିଲେ ହେଁ ତାଙ୍କର ମାୟାବାଦ୍ 'ଜଗତ ମିଥ୍ୟା'' ଶୂନ୍ୟବାଦ ଉପରେ ପ୍ରତିଷ୍ଠିତ । ତେଣୁ ପରବର୍ତ୍ତୀ କାଳରେ ଦ୍ୱୈତବାଦୀମାନଙ୍କ ଦ୍ୱାରା ସେ ପ୍ରଚ୍ଛନ୍ନ ବୌଦ୍ଧ ବୋଲି ନିନ୍ଦିତ ହୋଇଛନ୍ତି । ବସ୍ତୁତଃ ମହାଯାନୀ ଶୂନ୍ୟବାଦ ଓ ଶଙ୍କରଙ୍କ ମାୟାବାଦ୍ ଉଭୟେ ଶ୍ରୌତିକ ବାକ୍ୟ ଉପରେ ପ୍ରତିଷ୍ଠିତ ଥିବାରୁ ଉଭୟ ସ୍ୱାଭାବିକ ସାମ୍ୟ ଦେଖାଦେଇଛି ।

ପଞ୍ଚସଖାମାନଙ୍କ ଜଗନ୍ନାଥଙ୍କୁ ସ୍ୱୟଂ ବ୍ରହ୍ମସ୍ୱରୂପ ଭାବରେ ଦେଖିଛନ୍ତି ଓ ଏହି ବ୍ରହ୍ମ ବୌଦ୍ଧମାନଙ୍କ ଦୃଷ୍ଟିରେ ସିଦ୍ଧଙ୍କ ପରି ପଞ୍ଚସଖାଙ୍କ ଯୁଗପତ ସାକାର ଓ ନିରାକାର, ସଗୁଣ ଓ ନିଗୁଣ, ସବିଶେଷ ଓ ନିର୍ବିଶେଷ । ପଞ୍ଚସଖାଙ୍କ ଉପରେ ବୌଦ୍ଧ ଶୂନ୍ୟବାଦର ପ୍ରଭାବ ପଡ଼ିଥାଇପରେ, ମାତ୍ର ଏ ପ୍ରଭାବ କେବଳ ଏକକ ପ୍ରଭାବ ନୁହେଁ । ଏମାନଙ୍କ ଧର୍ମର ମୂଳସୂତ୍ର ଖୋଜିବାକୁ ଗଲେ ଆମକୁ ବୈଦିକ ଧର୍ମ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ପଞ୍ଚସଖାଙ୍କର ପ୍ରୟରିତ ବୈଷ୍ଣବଧର୍ମ ବୈଦିକ ଆର୍ଯ୍ୟଧର୍ମର ଏକ ପାରମ୍ପରିକ ଅନୁସୃତି ଏକଥା ମଧ୍ୟ ଆମକୁ ସ୍ୱୀକାର କରିବାକୁ ପଡ଼ିବ । ଶ୍ରୁତିରେ ପ୍ରତିପାଦିତ ନିରାକାର, ଅଚିନ୍ତ୍ୟ, ଅଚଳ, ଧ୍ରୁବ ଅକ୍ଷର କୂଟସ୍ଥ ସର୍ବବ୍ୟାପୀ ବ୍ରହ୍ମଚେତନା । ପଞ୍ଚସଖାମାନଙ୍କୁ କମ୍ ପ୍ରଭାବିତ କରିନାହିଁ । ସବୁ ପ୍ରଭାବ ସତ୍ତ୍ୱେ ପଞ୍ଚସଖା ସ୍ୱତନ୍ତ୍ର ଓ ମୌଳିକ । ବୌଦ୍ଧ ଶୂନ୍ୟପୁରୁଷ ଓ ଶ୍ରୌତିକ ନିର୍ଗୁଣ ବ୍ରହ୍ମ ପରି ପଞ୍ଚସଖାଙ୍କ ବ୍ରହ୍ମ ନିଷ୍କ୍ରିୟ ନୁହେଁ ସକ୍ରିୟ । ସକ୍ରିୟ ବ୍ରହ୍ମ ବା ସକ୍ରିୟ ନିରଞ୍ଜନଙ୍କଠାରୁ ଏହି ସଂସାର ଉତ୍ପତ୍ତି ତତ୍ତ୍ୱ ସେମାନଙ୍କର ଏକ ବୈଶିଷ୍ଟ୍ୟ । ଏହି ସକ୍ରିୟ ବ୍ରହ୍ମ ହିଁ ଜଗନ୍ନାଥ । ସେ ଅବତାରୀ, ତାଙ୍କଠାରୁ ବିଷ୍ଣୁଙ୍କର । ସବୁ ଅବତାର ଉତ୍ପନ୍ନ ହୋଇ ପୁଣି ତାଙ୍କର ଅଙ୍ଗରେ ଲୀନ ହୋଇଥାନ୍ତି -
ଅବତାର ଦଶ ଏହିଦାରୁ ରୂପ ଏହି ଦାରୁରେ ସେ ଲୀନ ।
ଈଶ୍ୱର ସାକ୍ଷେତ ଲୀଳାର ନିମନ୍ତେ ବିଜେ ରତ୍ନସିଂହାସନ ।( ଶୂନ୍ୟସଂହିତା, ଅଚ୍ୟୁତାନନ୍ଦ)

ସର୍ବଦା ନିଳାଦ୍ରୀରେ ସ୍ଥିତି ।
ଏଥୁ ସକଳ ଜାତ ହୋନ୍ତି
ସମସ୍ତ ଅବତାର ମାନ ।
ଜାତ ହୋଇଣ ପଶେ ପୁଣ
ଦେବାନ୍ତ ସାଇବ୍ରହ୍ମ ଏହି ।
ବେଦ ହିଁ ବର୍ଣ୍ଣି ନ ପାଇଲ ।" (ବେଦାନ୍ତସାର ଗୁପ୍ତଗୀତା, ବଳରାମ)

ପଞ୍ଚସଖାଙ୍କ ଦୃଷ୍ଟିରେ ଜଗନ୍ନାଥ ଯେତିକି ବୁଦ୍ଧ ତତୋଽଧିକ ବିଷ୍ଣୁ । ସକଳ ବିଷ୍ଣୁ ଅବତାରର ସେ ହେଉଛନ୍ତି ଅବତାରୀଳ ପୁଣି ବୁଦ୍ଧ ଏହି ଅବତାରୀ ବିଷ୍ଣୁ ଜଗନ୍ନାଥଙ୍କର ବିହାରସ୍ଥଳୀ ପୁରୁଷୋତ୍ତମ ପୁରୁଷୋତ୍ତମକୁ ମହାନିତ୍ୟସ୍ଥଳ ଓ ନୀଳାଚଳକୁ ଗୋଲକ କହି ସେମାନେ ଜଗନ୍ନାଥଙ୍କୁ ବିଷ୍ଣୁ ରୂପରେ ଚିତ୍ରଣ କରିଛନ୍ତି ଓ ନିଜକୁ ବୈଷ୍ଣବ ବୋଲି ପ୍ରମାଣିତ କରିଛନ୍ତି । ବୌଦ୍ଧ ଧର୍ମର କେବଳ ଶୂନ୍ୟବାଦକୁ ପ୍ରକାରନ୍ତରରେ ଗ୍ରହଣ କରିଥିବାରୁ ସମାନେ ବୌଦ୍ଧ ନୁହନ୍ତି ଆତ୍ମାରେ ସେମାନେ ବୈଷ୍ଣବ । ସେମାନଙ୍କର ଧର୍ମର ତ୍ରିବେଣୀ ଲକ୍ଷଣ ହେଉଛି ଜଗନ୍ନାଥ, ତତ୍ତ୍ୱଯୋଗ ଓ ଜ୍ଞାନମିଶା ଭକ୍ତି ।

ଭାରତରେ ତରେ ଭିନ୍ନଭିନ୍ନ କାଳରେ ପ୍ରାଧାନ୍ୟ ଲାଭ କରିଥିବା ବୈଷ୍ଣବଧର୍ମର ବିଭିନ୍ନ ମତବାଦ ପଞ୍ଚସଖାକଙ୍କର ଆବିର୍ଭାବବେଳକୁ ଓଡ଼ିଶାରେ ପ୍ରସ୍ତରିତ ଓ ପ୍ରସାରିତ ହୋଇସାରିଥିଲା । ପଞ୍ଚସଖା ଏହିମାନଙ୍କ ମଧ୍ୟରୁ କୌଣସି ନିର୍ଦ୍ଦିଷ୍ଟ ମତବାଦକୁ ଗ୍ରହଣ ନକରି ବିଭିନ୍ନ ମତବାଦକୁ ସମ୍ମାନ ଦେଖାଇବା ସଂଗେ ସଂଗେ ବୈଷ୍ଣବ୍ୟ ଧର୍ମ ଦର୍ଶନକୁ ସ୍ୱକୀୟ ସ୍ୱାତନ୍ତ୍ର୍ୟରେ ରୂପାନ୍ତର ପ୍ରଦାନ କରିଥିଲେ । ତେଣୁ ସର୍ବଭାରତୀୟ ସ୍ତରରେ ବିକଶିତ ବୈଷ୍ଣବ ମତବାଦଠାରୁ ଏମାନଙ୍କର ମତବାଦ ବହୁ ଭାବରେ ସ୍ୱତନ୍ତ୍ର । ପଞ୍ଚସଖାଙ୍କ ପୂର୍ବରୁ ଓଡ଼ିଶାରେ ପ୍ରଚଳିତ ମତବାଦ ମଧ୍ୟ ପରିବର୍ତ୍ତିତ ହୋଇଥିଲା । ଏହି ଦୃଷ୍ଟିକୋଣରୁ ପଞ୍ଚସଖାକାଳୀନ ଉତ୍କଳୀୟ ବୈଷ୍ଣବଧର୍ମକୁ ପଞ୍ଚସଖା ଧର୍ମ ନାମରେ ନାମିତ କରାଯାଇପାରେ ।
ପଞ୍ଚସଖାଙ୍କର ଧର୍ମର ସ୍ୱରୂପ ଆଲୋଚନା କରିବା ପୂର୍ବରୁ ଓଡ଼ିଶାରେ ବୌଦ୍ଧଧର୍ମର ପରମ୍ପରା ପରି ବୈଷ୍ଣବ ଧର୍ମର ପରମ୍ପରା ମଧ୍ୟ ଅନୁସନ୍ଧେୟ । ପୁଣି ବୈଷ୍ଣବ ଧର୍ମର ପରମ୍ପରାରେ ଜଗନ୍ନାଥ ଧର୍ମର ଅଭ୍ୟୁଦୟ ଓ ଉଦ୍‌ବର୍ତ୍ତନର ଇତିହାସ ଅଧ୍ୟୟନ ମଧ୍ୟ ସେତିକି ଅପରିହାର୍ଯ୍ୟ । ଏ ପରମ୍ପରା ଓ ଇତିହାସ ଅତି ପ୍ରାଚୀନ ଓ ପୌରାଣିକ । ମହାଭାରତରେ ବନପର୍ବରେ ଅନ୍ୟତମ ପ୍ରାଚୀନତମ ମାନବ ରୂପରେ ପରିଚିତ ଇନ୍ଦ୍ରଦ୍ୟୁମ୍ନ ଉତ୍କଳର ପୁରୁଷୋତ୍ତମ କ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତି ବିଷ୍ଣୁ ବିଗ୍ରହ ପ୍ରତିଷ୍ଠା କରି ପୂଜା କରୁଥିବାରୁ ବର୍ଣ୍ଣନା ରହିଛି । ଏହା ପୂର୍ବରୁ ବିଷ୍ଣୁ ନୀଳମାଧବ ରୂପେ ସେଠାରେ ପୂଜା ପାଉଥିଲେ । ମହାଭାରତରେ ଇନ୍ଦ୍ରଦ୍ୟୁମ୍ନ କୃଷ୍ଣଙ୍କ ପରବର୍ତ୍ତୀ ବୋଲି ସ୍ୱୀକୃତ । ବ୍ରହ୍ମ ପୁରାଣ, ବୃହାନ୍ତରଦୀୟ ପୁରାଣ ପ୍ରଭୃତି ପ୍ରାଚୀନ ପୁରାଣମାନଙ୍କରେ ପୁରୁଷୋତ୍ତମ କ୍ଷେତ୍ରରେ ବିଷ୍ଣୁ ଆରାଧିତ ହେଉଥିଲେ ବୋଲି ବିବରଣୀମାନ ରହିଛି । ପରବର୍ତ୍ତୀ କାଳରେ ଅର୍ବାଚୀନ ପୁରାଣମାନଙ୍କରେ ଜଗନ୍ନାଥ ବାସୁଦେବ ରୂପେ ଅଭିହିତ ହୋଇଛନ୍ତି । ସ୍କନ୍ଦ ପୁରାଣରେ, ଉତ୍କଳ ଖଣ୍ଡରେ ଜଗନ୍ନାଥଙ୍କୁ କୃଷ୍ଣ ବାସୁଦେବ ରୂପେ ପରିଚିତ କରାଯାଇଛି ।

ପୌରାଣିକ ଭିତ୍ତିଛଡ଼ା ଐତିହାସିକ ଭିତ୍ତି ଉପରେ ଆଲୋଚନା କଲେ ଜଣାଯାଏ ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀ ଓଡ଼ିଶାରେ ବୈଷ୍ଣବ ଧର୍ମର ପ୍ରଚଳନର ପ୍ରସାର ଥିଲା । ଅନନ୍ତ କୁମାର ଗଜଲକ୍ଷ୍ମୀ ମୂର୍ତ୍ତି ଏହାର ମୂଳସାକ୍ଷୀ । ଖ୍ରୀଷ୍ଟୀୟ ଚତୁର୍ଥ ଓ ପଞ୍ଚମ ଶତାବ୍ଦୀରେ


© 2026 ବଶିଷ୍ଠ କୁମାର ବେହେର. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ମାଠର ବଂଶର ରାଜତ୍ୱ କାଳରେ କଳିଙ୍ଗରେ ବୈଷ୍ଣବଧର୍ମ ରାଜଧର୍ମ ସମ୍ମାନିତ ହୋଇଥିବାରୁ ଐତିହାସିକ ପ୍ରମାଣ ହେଉଛି ତତ୍କାଳୀନ ଶିଳାଲେଖ । ନିଗାଣ୍ଡି ଗ୍ରାଣ୍ଟ ତାମ୍ରଶାସନରୁ ଜଣାଯାଏ ମାଠର ବଂଶୀୟ ରାଜା ପ୍ରଭଞ୍ଜନ୍ ବର୍ମନ୍ ନିଜକୁ ନାରାୟଣ ପାଦ ଭକ୍ତ ବୋଲି ଅଭିହିତ କରିଛନ୍ତି ମାଠରଃ କୁଳ ବର୍ଦ୍ଧନଃ ନାରାୟଣ ସ୍ୱାମୀ ପାଦଭକ୍ତ ।

ପ୍ରାଚୀ ଅନ୍ୟତ୍ର ସେ ନିଜକୁ 'ପରମ ଭାଗବତ' ବୋଲି ପରିଚିତ କରାଇଛନ୍ତି । ତାଳଚେର ନିକଟ ବ୍ରାହ୍ମଣୀ ଉପତ୍ୟକାରେ ବହୁ ପ୍ରାଚୀନ ନାରାୟଣ ମୂର୍ତ୍ତି, ପ୍ରାଚୀ ଉପତ୍ୟକାରେ ନାନାବିଧ ସୁପ୍ରାଚୀନ ବିଷ୍ଣୁମୂର୍ତ୍ତି, ଭୁବନେଶ୍ୱର ମନ୍ଦିର ଓ କାକଟପୁର ନିକଟ ସୋମନାଥ ମନ୍ଦିରସ୍ଥ ବିରାଟକାୟ ଭିନ୍ନଭିନ୍ନ ବିଷ୍ଣୁ ମୂର୍ତି ଓଡ଼ିଶାରେ ବୈଷ୍ଣବଧର୍ମର, ପ୍ରାଚୀନ ପରମ୍ପରାର ପ୍ରମାଣ । ଷଷ୍ଠ-ସପ୍ତମ ଶତାବ୍ଦୀରେ ଶୈଳୋଦ୍ଭବ ବଂଶୀୟ ରାଜା ମଧ୍ୟମ ରାଜାଙ୍କର ତାମ୍ରଶାସନରେ ବିଷ୍ଣୁଙ୍କ ମାନବ ଅବତାରର ଉଲ୍ଲେଖ ଦେଖିବାକୁ ମିଳେ । କର ବଂଶୀୟ ଅନେକ ରାଜାଙ୍କର ତାମ୍ରଶାସନରେ ବିଷ୍ଣୁଙ୍କର ଅନ୍ୟତମ ଆୟୁଧ ଶଙ୍ଖଚିତ୍ର ରହିଛି । କର ବଂଶୀୟ ରାଣୀ ତ୍ରିଭୁବନ ନିଜକୁ 'ପରମ ବୈଷ୍ଣବୀ' ଭାବରେ ପରିଚିତ କରାଇଛନ୍ତି । ଭଞ୍ଜବଂଶୀୟ ରାଜାଗଣଙ୍କ ଶ୍ରୀ ଶତ୍ରୁଭଞ୍ଜଦେବ ତାଙ୍କର ତାମ୍ରଶାସନରେ ପରମ ବୈଷ୍ଣବ ମାତା ପିତୃ ପଦାନୁଧ୍ୟାତୋ" ରୂପେ ପରିଚିତ ମାଦଳାପାଞ୍ଜି ଅନୁଯାୟୀ ଷଷ୍ଠ ଶତାବ୍ଦୀରେ ରାଜା ଯଯାତିକେଶରୀ ଜଗନ୍ନାଥଙ୍କୁ ପୁନର୍ବାର ଉଦ୍ଧାର କରି ନୂତନ ଭାବରେ ପ୍ରତିଷ୍ଠା କରିଥିଲେ । ଏକାଦଶ ଶତାବ୍ଦୀର ରାଜା ଚୋଡ଼ଗଙ୍ଗଦେବ ଜଗନ୍ନାଥଙ୍କ ପାଇଁ ମନ୍ଦିର ନିର୍ମାଣ କରାଇ ନିଜକୁ ବୈଷ୍ଣବ ଧର୍ମ ପ୍ରାଣ ରୂପେ ପ୍ରମାଣିତ କରିଯାଇଛନ୍ତି ।

ଏହିପରି ଭାବରେ ଓଡ଼ିଶାରେ ବୈଷ୍ଣବ ଧର୍ମର ପରମ୍ପରା ବହୁ ପ୍ରାଚୀନ ପଞ୍ଚସଖାଙ୍କ ସମୟକୁ ଜଗନ୍ନାଥ 'ବୁଦ୍ଧତ୍ୱ' ଅପେକ୍ଷା ଅଧିକ 'ବିଷ୍ଣୁତ୍ୱ'ରେ ଅନ୍ତ ହୋଇସାରିଛନ୍ତି । ତାଙ୍କ ଆଶ୍ଚର୍ଯ୍ୟଙ୍କ ସ୍ମାର୍ଗ ପଦ୍ଧତିରେ ସେ ହେଲେ ଯୁଗପତି ଶୈବାୟିତ, ବୈଷ୍ଣବାୟିତ । ଯୁଗେ ଯୁଗେ ବିଭିନ୍ନ ଧର୍ମପ୍ରସ୍ତରକଗଣ ନିଜ ନିଜ ଧର୍ମର ସ୍ୱୀକୃତି, ପ୍ରସ୍ତର ଓ ପ୍ରସାର ପାଇଁ ସର୍ବଧର୍ମର ସମନ୍ୱୟ କ୍ଷେତ୍ର ପୁରୁଷୋତ୍ତମ ପୁରୀକୁ ଆସିଛନ୍ତି ଓ ବହୁ ମତ ସମନ୍ୱିତ ଆଦର୍ଶ ଜଗନ୍ନାଥ ଧର୍ମର ପାଣପ୍ରତିଷ୍ଠା କରିଯାଇଛନ୍ତି । ବିଭିନ୍ନ ଧର୍ମର ମତବାଦ ଜଗନ୍ନାଥଙ୍କର ସାର୍ବଜନୀନ ଉଦାର ମହିମା ଦ୍ୱାର, ଗୋଟିଏ ସୂତ୍ରରେ ଅତିଥି ହୋଇ ଜଗନ୍ନାଥ ଧର୍ମରେ ପରିଣତ ହୋଇଛନ୍ତି । ଏହା ଭିତରେ ପ୍ରତିଫଳିତ ହୋଇଛି ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବାଦି ବିଭିନ୍ନ ଧର୍ମର ସ୍ୱରୂପ ।

ଦ୍ୱାଦଶ ଶତାବ୍ଦୀରେ ପ୍ରଥମ ପାଦରେ ବିଶିଷ୍ଟ ଦୈତବାଦର ପ୍ରବର୍ତ୍ତକ ଗୁରୁନାଥ ମୁନିଙ୍କ ଦ୍ୱାରା ପ୍ରତିଷ୍ଠିତ 'ଶ୍ରୀ'ସଂପ୍ରଦାୟର ପ୍ରଚାରକ ରାମାନୁଜ ପୁରୀ ଆସି ଜଗନ୍ନାଥ ମନ୍ଦିରରେ ପାଞ୍ଚରାତ୍ର ପଦ୍ଧତିରେ ପୂଜା ପ୍ରଚଳନ କରିବାପାଇଁ ଉଦ୍ୟମ କରିଥିଲେ । ବ୍ୟୁହ ଅବତାର ଓ ଶକ୍ତି ହେଉଛି ଏହି ପଦ୍ଧତିରେ ତିନୋଟି ବିଭବ । ଏହା ବୌଦ୍ଧ ଧର୍ମର ଧର୍ମକାୟା, ସମ୍ଭୋଗକାୟା ଓ ନିର୍ମାଣକାୟାର ରୂପାନ୍ତର ହୋଇପାରେ । ଏହି ପଦ୍ଧତିରେ ପ୍ରତ୍ୟେକ ବ୍ୟୁହରେ ବିଷ୍ଣୁଙ୍କର ଜଣେ ଜଣେ ଅବତାର ସ୍ୱସ୍ୱ ଶକ୍ତିମାନଙ୍କ ସହିତ ସମୀକୃତ ହୋଇ ରହିଥାନ୍ତି । ପୁରୁଷୋତ୍ତମ ବା ମହାବିଷ୍ଣୁଙ୍କର ବାସୁଦେବ, ସଂକର୍ଷଣ, ପ୍ରଦ୍ୟୁମ୍ନ, ଅନିରୁଦ୍ଧ ଅବତାରମାନେ ନିଜ ନିଜ ଶକ୍ତିମାନଙ୍କ ସହିତ ପୂଜିତ ହୋଇଥାନ୍ତି । ସମ୍ଭବତଃ ପାଞ୍ଚରାତ୍ରି ପଦ୍ଧତି ମହାଯାନୀ ତନ୍ତ୍ର ପ୍ରଭାବିତ ଓ ତେଣୁ ମହାବିଷ୍ଣୁ ପୁରୁଷୋତ୍ତମ ହେଉଛନ୍ତି ଶୂନ୍ୟ-ସ୍ୱରୂପ । ରାମାନୁଜଙ୍କ ପର୍ଯ୍ୟନ୍ତ ଥିଲେ ଅଦ୍ୱୟା ସମ୍ଭବତଃ ତାଙ୍କର କୌଣସି ଶକ୍ତିଥିବା ସ୍ୱୀକୃତି ହୋଇ ନଥିଲା । ଜନଶ୍ରୁତି ଅଛି ରାମାନୁଜ ପ୍ରଥମେ ଜଗନ୍ନାଥ ମନ୍ଦିର ବେଢ଼ାରେ ଭଗବାନ ପୁରୁଷୋତ୍ତମ ନାରାୟଣଙ୍କ ଶକ୍ତି 'ଶ୍ରୀ' (ଲକ୍ଷ୍ମୀ)ଙ୍କ ପାଇଁ ଗୋଟିଏ ମନ୍ଦିର ନିର୍ମାଣ କରିଥିଲେ । ଜଗନ୍ନାଥ ସେବକମାନଙ୍କର ପ୍ରବଳ ପ୍ରତିରୋଧ ସତ୍ତ୍ୱେ ରାଜସ୍ୱୀକୃତି ଲାଭ କରି ରାମାନୁଜଙ୍କ ପାଞ୍ଚରାତ୍ର ପଦ୍ଧତି ମନ୍ଦିରରେ ପ୍ରଚଳିତ ହୋଇଥିଲା । ଅବଶ୍ୟ ଶଙ୍କରାରର୍ଯ୍ୟଙ୍କ ସ୍ମାର୍ତ୍ତ ପଦ୍ଧତି ପରି ରାମାନୁଜଙ୍କ ପଦ୍ଧତି ଜଗନ୍ନାଥଙ୍କ ବିଷ୍ଣୁତ୍ୱକୁ ଅନନ୍ୟ ସତ୍ତାରୂପେ ପ୍ରତିଷ୍ଠିତ କରିପାରି ନଥିଲା । ତତ୍ତ୍ୱ ଭିତରେ ଭକ୍ତି ଧର୍ମର ଦ୍ୟୋତନାକୁ ସୁସ୍ପଷ୍ଟ କରିପାରି ନଥିଲା, ତଥାପି ପରବର୍ତ୍ତୀ ବୈଷ୍ଣବାଶ୍ଚର୍ଯ୍ୟମାନେ ଜଗନ୍ନାଥଙ୍କୁ ବୈଷ୍ଣବ ଭକ୍ତି ତତ୍ତ୍ୱମାଧ୍ୟମରେ ଉପଲବ୍ଧି କରାଇବା ଦିଗରେ ରାମାନୁଜ ଥିଲେ ପ୍ରେରଣାର ପ୍ରତୀକ । ସେହି ଦ୍ୱାଦଶ ଶତାବ୍ଦୀରେ ଏହି କାରଣରୁ ପୁରୀବାସୀ ଜୟଦେବଙ୍କ 'ଗୀତଗୋବିନ୍ଦ' ମାଧ୍ୟମରେ ଜଗନ୍ନାଥ ବିଷ୍ଣୁ ଓ କୃଷ୍ଣଙ୍କ ମଧ୍ୟରେ ଏକତ୍ୱ ସଂପାଦନ କରି ଶୃଙ୍ଗାରରସ ପ୍ରଧାନ ଭକ୍ତି ମାର୍ଗର ଉନ୍ମୋଚନ କରିବାପାଇଁ ସୁଯୋଗ ପାଇଥିଲେ ।

ଏହାପରେ ଏବଂ ଚୈତନ୍ୟଙ୍କ ପୂର୍ବରୁ ଯେଉଁ ବୈଷ୍ଣବାଶ୍ଚର୍ଯ୍ୟଗଣ ଜଗନ୍ନାଥଙ୍କୁ ବିଷ୍ଣୁତ୍ୱରେ ଅନିତ୍ୟ କରିବାକୁ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରେ ମଧ୍ୱାଚାର୍ଯ୍ୟ, ବିଷ୍ଣୁସ୍ୱାମୀ, ନିମ୍ବାର୍କ ଓ ରାମାନନ୍ଦଙ୍କ ନାମ ଉଲ୍ଲେଖଯୋଗ୍ୟ । ନିମ୍ବାର୍କ ଓ ରାମାନନ୍ଦ ପୁରୀକୁ ଆସିଥିବାର ନିର୍ଦ୍ଦିଷ୍ଟ ପ୍ରମାଣ ନାହିଁ । ଏମାନଙ୍କ ବ୍ୟତୀତ ଅଦ୍ୱୈତ ନିତ୍ୟାନନ୍ଦ ଯବନ ହରିଦାସ ପ୍ରଭୃତି ଆଶ୍ଚର୍ଯ୍ୟମାନେ ପୁରୀକୁ ଆସି ବୈଷ୍ଣବ ଧର୍ମର ଅଭିବୃଦ୍ଧି ସାଧନରେ ଉଲ୍ଲେଖଯୋଗ୍ୟ ଅଂଶଗ୍ରହଣ କରିଥିଲେ ।

ମାଧ୍ୱାଚାର୍ଯ୍ୟ ଥିଲେ ଦୈତବାଦୀ । ଜୀମାତ୍ମାଠାରୁ ପରମାତ୍ମାଙ୍କର ସ୍ୱାତନ୍ତ୍ର୍ୟ ସେ ପ୍ରସ୍ତର କରୁଥିଲେ । ଫଳରେ ଅଦ୍ୱୈତବାଦୀ ଶଙ୍କର ସଂପ୍ରଦାୟ ସହିତ ତାଙ୍କର ବୈଷ୍ଣବ ସଂପ୍ରଦାୟ ମାଧ୍ୟମରେ ଅନେକ ସଂଘର୍ଷ ଦେଖା ଦେଇଛି । ତାଙ୍କ ପ୍ରସ୍ତରିତ ତତ୍ତ୍ୱରେ ବାୟୁ ହେଉଛି ବିଷ୍ଣୁ ଓ ଲକ୍ଷ୍ମୀଙ୍କର ପୁତ୍ର । ଏହି ବାୟୁ ଜୀବାତ୍ମାର ମୁକ୍ତି ପାଇଁ ଅପରିହାର୍ଯ୍ୟ ଅବଲମ୍ବ । ଏହି ବାୟୁରେ ସାଧନା ହିଁ ଶ୍ରେଷ୍ଠ ଯୋଗାଜାର ବା ପ୍ରାଣାୟୀ ଏହି ପ୍ରଣାୟୀ ଦ୍ୱାରା ଦ୍ୱୈତସତ୍ତା ଅଦ୍ୱୈତ ସତ୍ତାରେ ପରିଣତ ହୁଏ । ଅର୍ଥାତ୍ ଜୀବାତ୍ମା ସହ ପରମାତ୍ମାର ମିଳନ ଘଟି ମୁକ୍ତି ମିଳେ । ମାଧ୍ୱାଚାର୍ଯ୍ୟଙ୍କ ଦ୍ୱୈତବାଦ ଅନୁସୃତ ଯୋଗ ଦର୍ଶନ ଉପରେ ଥିଲା ପ୍ରତିଷ୍ଠିତ ଓ ସାଧନା ପ୍ରଣାଳୀ, ଆତ୍ମସଂଯମ, ଆତ୍ମଶୁଚି ଉପରେ ନିର୍ଦ୍ଦିଷ୍ଟ । ତେଣୁ ସଧାଚାର୍ଜୟ ଆରାଧନା ପଦ୍ଧତିରେ ଦେବଦାସୀଙ୍କ ସ୍ଥାନ ନଥିଲା । ମାଧ୍ୱାଚାର୍ଯ୍ୟଙ୍କ ଦ୍ୱୈତବାଦ ଓ ତହିଁରେ ଅନୁସୃତ ଯୋଗାରର, ଜ୍ଞାନପଣ୍ଡିତ ସାଧନ ପ୍ରଣାଳୀ ପଞ୍ଚସଖାମାନଙ୍କ ପରବର୍ତ୍ତୀ କାଳରେ ଆଦୃତ ହୋଇଛି । ଅଚ୍ୟୁତାନନ୍ଦ ତାଙ୍କର 'ଭକ୍ତିଜ୍ଞାନ ବ୍ରହ୍ମଯୋଗ' ରେ ମାଧବ ( ମାଧ୍ୱାଚାର୍ଯ୍ୟ) ଙ୍କୁ ଆଦିଗୁରୁ ରୂପେ ସ୍ୱୀକାର କରିଛନ୍ତି । ମାଧ୍ୱାଚାର୍ଯ୍ୟ ପଞ୍ଚାର ବିଚାର, ଶ୍ରବଣ, ଧ୍ୟାନ ଓ ସ୍ତବ ଏହି ଚତୁର୍ଦ୍ଧାଭାବ ମଧ୍ୟ ପଞ୍ଚସଖାଙ୍କ ଦ୍ୱାରା ସ୍ୱୀକୃତି ହୋଇଛି । ମାଧ୍ୱାଚାର୍ଯ୍ୟ ପଛା ନରସିଂହମୁନି, ନରସିଂହତୀର୍ଥ ଓ ଜଗନ୍ନାଥ ତୀର୍ଥ ତ୍ରୟୋଦଶ ଶତାବ୍ଦୀରେ ପୁରୀକୁ ଆସି ମାଧ୍ୱାଚାର୍ଯ୍ୟ ଦର୍ଶନର ପ୍ରୟର କରିଛନ୍ତି ଓ ସେମାନଙ୍କ ଦୃଷ୍ଟିରେ ବିଷ୍ଣୁ ଜଗନ୍ନାଥ ହୋଇଛନ୍ତି ଅଭିନ୍ନ ।

ବୈଷ୍ଣବଚାର୍ଯ୍ୟ ବିଷ୍ଣୁସ୍ୱାମୀ 'ରାମଙ୍କୁ ବିଷ୍ଣୁଙ୍କର ପୂର୍ଣ୍ଣ ସ୍ୱରୂପ ରୂପେ ଗ୍ରହଣ କରିଛନ୍ତି ଓ ମହାବିଷ୍ଣୁ ଜଗନ୍ନାଥଙ୍କୁ ହିଁ ଶ୍ରୀରାମ ରୂପେ ପରିକଳ୍ପନା କରିଛନ୍ତି । ବିଷ୍ଣୁ ସ୍ୱାମୀଙ୍କ ସଂପ୍ରଦାୟର ବୀଜମନ୍ତ୍ର ହେଉଛି – " ଓଁ ରାମ କୃଷ୍ଣାୟ ନମଃ ଏବଂ ଓଁ ରାମକୃଷ୍ଣ ହରି ।" ପଞ୍ଚସଖାଙ୍କ ମଧ୍ୟରେ ବଳରାମ ମଧ୍ୟ ଜଗନ୍ନାଥ ଭିତରେ ଶ୍ରୀରାମଙ୍କର ପରିକଳ୍ପନା କରିଛନ୍ତି । ଏହାର ପ୍ରମାଣ ହେଉଛି ତାଙ୍କର 'ବଟ ଅବକାଶ' ।

ଚତୁର୍ଦ୍ଦଶ ଶତାବ୍ଦୀରେ ରାମାନନ୍ଦ ମଧ୍ୟ ରାମଙ୍କୁ ପୂର୍ଣ୍ଣବ୍ରହ୍ମ ରୂପେ କଳ୍ପନା କରିଛନ୍ତି ଓ ଜଗନ୍ନାଥଙ୍କ ଭିତରେ ଏହି ରାମଙ୍କୁ ଦେଖିଛନ୍ତି । ବିଷ୍ଣୁସ୍ୱାମୀ ସଂପ୍ରଦାୟ ଓ ରାମାନନ୍ଦ ସଂପ୍ରଦାୟ ମଧ୍ୟରେ ଅନେକ ସାମ୍ୟ ଥିବା ଦୃଷ୍ଟିରୁ ରାମାନନ୍ଦ ରାମାନନ୍ଦ ସଂପ୍ରଦାୟ ବିଷ୍ଣୁସ୍ୱାମୀ ସଂପ୍ରଦାୟର ଏକ ବିପରିଣାମ ପରି ମନେହୁଏ । ରାମାନନ୍ଦ ପନ୍ଥିମାନେ ଅବଧୂତ ଭାବରେ ପରିଚିତ ଓ ସେମାନଙ୍କ ଦୃଷ୍ଟିରେ କୌଣସି ଜାତିଭେଦ ନାହିଁ ।


© 2026 ବଶିଷ୍ଠ କୁମାର ବେହେରା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ରାମାନନ୍ଦ ପ୍ରୟର କରିଥିଲେ ବିଷ୍ଣୁଭକ୍ତ ବା ବୈଷ୍ଣବ ହୋଇପାରିଲେ ସବୁ ଜାତିର ଲୋକ, ଏକତ୍ର ଭୋଜନ କରିବାରେ କୌଣସି ତୃଷ୍ଣା ରହିବ ନାହିଁ । ସମ୍ଭବତଃ ବଡ଼ ଦେଉଳରେ ଜାତି ନିର୍ବିଶେଷରେ ଏକ ଭୋଜନ କରିବାର ପରମ୍ପରା ପାଇଁ ରାମାନନ୍ଦ ପ୍ରଚାରିତ ଧର୍ମତତ୍ତ୍ୱ ପ୍ରେରଣା ଯୋଗାଇଛି ।

ଦ୍ୱୈତାଦୈତ୍ୟବାଦୀ ନିମ୍ବାର୍କଙ୍କ ମତରେ ଜୀବାତ୍ମା ଓ ପରମାତ୍ମା ବଳ ଓ ସ୍ରୋତ ପରି ସ୍ୱତନ୍ତ୍ର ହେଲେ ହେଁ ଅଭିନ୍ନ । ଶୁଦ୍ଧାଦ୍ୱୈତବାଦୀ ବଲ୍ଲଭାୟର୍ଯ୍ୟଙ୍କ ଦୃଷ୍ଟିରେ ଜୀବାତ୍ମା ବ୍ରହ୍ମମୟ । କିନ୍ତୁ ଜୀବାତ୍ମା ଜାଗତିକ ମାୟାରେ ଜଡ଼ିତ ରହିବା ଦ୍ୱାରା ବ୍ରହ୍ମଠାରୁ ପୃଥକ ବୋଲି ଅନୁମତି ହୋଇଥାନ୍ତି । ମାୟାଦୂର ହେଲେ ଜୀବାତ୍ମା ଓ ବ୍ରହ୍ମ ମଧ୍ୟରେ ଏକ ପାର୍ଥକ୍ୟ ଅପସରିଯିବା ଏମାନଙ୍କର ଦର୍ଶନ ଯାହା ହେଉନା କାହିଁକି ଜଗନ୍ନାଥ ହିଁ ହୋଇଛନ୍ତି ଏମାନଙ୍କ ସାଧନାର କେନ୍ଦ୍ରବିନ୍ଦୁ ।

ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ କ୍ରମାଗତ ଏପରି ନାନା ମତବାଦ ତତ୍ତ୍ୱ ଓ ଦର୍ଶନର ପ୍ରତିଷ୍ଠା ଓ ପ୍ରୟର ଦ୍ୱାରା ଜଗନ୍ନାଥ କେତେବେଳେ ରାମ ଓ କେତେବେଳେ ମହାବିଷ୍ଣୁରେ ରୂପାନ୍ତରିତ ହୋଇଛନ୍ତି । ମୋଟ ଉପରେ ଜଗନ୍ନାଥ ବିଷ୍ଣୁତତ୍ତ୍ୱରେ ଅନ୍ୱିତ ହୋଇଛନ୍ତି । ପଞ୍ଚଦଶ ଶତାବ୍ଦୀରେ କବି ସାରଳା ଦାସ ବିଷ୍ଣୁ ବୌଦ୍ଧ ଓ ଜଗନ୍ନାଥଙ୍କ ମଧ୍ୟରେ ଅଭେଦ କଳ୍ପନା କରିଥିବାର ପ୍ରମାଣ ତାଙ୍କ ମହାଭାରତର ଶତାବ୍ଦୀ ପର୍ବତର ଲିପିବଦ୍ଧ ଅଛି । ମହାବିଷ୍ଣୁ ଅବତାର ଶ୍ରୀକୃଷ୍ଣଙ୍କର ଅର୍ଦ୍ଧଦଗ୍ଧ ପିଣ୍ଡ ଦାରୁମୂର୍ତ୍ତି ଜଗନ୍ନାଥଙ୍କର ପରିଣତ ହୋଇଥିଲା ବୋଲି ଏଥିରେ ବର୍ଣ୍ଣିତ ଅଛି । ପୁଣି ଜଗନ୍ନାଥ ବୌଦ୍ଧ ଅବତାରରେ ନୀଳଗିରିରେ ଦେଖାଇବେ ବୋଲି ସୂଚନା ରହିଅଛି ।

### ସହାୟକ ଗ୍ରନ୍ଥସୂଚୀ


1. ଦାସ ଚିତ୍ତରଂଜନ. **ଅଚ୍ୟୁତାନନ୍ଦ ଓ ପଞ୍ଚସଖାଧର୍ମ.** ଏସ୍. ବି. ପବ୍ଲିକେଶନ୍.
2. ଦାସ ଗୋବିନ୍ଦ ପ୍ରସାଦ. **ଆମତତ୍ତ୍ୱ ବିଚାର.** ଲାର୍କ ବୁକ୍.
3. **ଅଚ୍ୟୁତାନନ୍ଦ କଥାସରିତ.** ସଂ. ସାରଳା ସାହିତ୍ୟ ସଂସଦ. ଓଡ଼ିଶା ବୁକ୍ ଷ୍ଟୋର.
4. **ପଞ୍ଚସଖା ମାଳିକା.** ଅଚ୍ୟୁତାନନ୍ଦ. କଟକ ଷ୍ଟୁଡେଣ୍ଟ ଷ୍ଟୋର.
5. ମହାପାତ୍ର ଦୈତାରୀ. **ପ୍ରାଚୀନ ପଞ୍ଚସଖା.** ସତ୍ୟନାରାୟଣ ବୁକ୍ ଷ୍ଟୋର.
6. ଖଟୁଆ ଜିତେନ୍ଦ୍ର କୁମାର. **ପଞ୍ଚସଖା ପର୍ଯ୍ୟାଲୋଚନା ଓ ଭବିଷ୍ୟତ ମାଳିକା ସମୀକ୍ଷା.** ଓଡ଼ିଶା ବୁକ୍ ଷ୍ଟୋର.
7. ସାହୁ ରତ୍ନାକର. **ଓଡ଼ିଶାର ସନ୍ଥ ସାହିତ୍ୟ.** ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ.
8. ସାହୁ ନରିଞ୍ଜନ. **ମହାପୁରୁଷ ଶିଶୁ ଅନନ୍ତ ରଚନାବଳୀ.** ପାଞ୍ଚବାଣୀ ପ୍ରକାଶନୀ.
9. ବ୍ରହ୍ମା ରାମଚନ୍ଦ୍ର, ସମ୍ପାଦକ. **ଜଗନ୍ନାଥ ଦାସଙ୍କ ରଚନାବଳୀ.** ଓଡ଼ିଶା ସାହିତ୍ୟ ଏକାଡେମୀ.
10. ରାୟ ଗୌରାଙ୍ଗ ଚରଣ, ସମ୍ପାଦକ. **ଯଶୋବନ୍ତ ରଚନାବଳୀ.** ଓଡ଼ିଶା ସାହିତ୍ୟ ଏକାଡେମୀ.
11. **ଓଡ଼ିଶାର ସାଧୁସନ୍ଥ.** ଭାଗ ୧–୩. ସଂ. ଉତ୍କଳ ପାଠକ ସଂପଦ.
12. ଚଇନି ରତ୍ନାକର, ସମ୍ପାଦକ. **ଅଚ୍ୟୁତାନନ୍ଦ ଗୀତାବଳୀ.**



**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution–NonCommercial–NoDerivatives 4.0 International (CC BY-NC-ND 4.0) license. This license permits sharing and redistribution of the article in any medium or format for non-commercial purposes only, provided that appropriate credit is given to the original author(s) and source. No modifications, adaptations, or derivative works are permitted under this license.


**About The Author**




**ଡକ୍ଟର ବଶିଷ୍ଠ କୁମାର** ବେହେରା ସାଂପ୍ରତିକ ଓଡ଼ିଆ ସମାଲୋଚନା ସାହିତ୍ୟର ଜଣେ ଶାଣିତ ଏବଂ ନିଷ୍ଠାପର ଯୁବସ୍ୱର । **UGC** ଦ୍ୱାରା ପରିଚାଳିତ ପରୀକ୍ଷାରେ **NET/JRF** ଲାଭକରି ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ନିଜର ଗବେଷଣା ସମାପ୍ତ କରିବା ପରେ, ସେ ଅଧ୍ୟାପନା ବୃତ୍ତିକୁ ଆପଣେଇଛନ୍ତି। ୨୦୧୬ ମସିହାରେ **SSB** ମାଧ୍ୟମରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଆରମ୍ଭ କରି ଆନନ୍ଦପୁର ମହାବିଦ୍ୟାଳୟ ପର୍ଯ୍ୟନ୍ତ ତାଙ୍କର ଏହି ଶିକ୍ଷାଦାନ ଯାତ୍ରା ସହ ସାରସ୍ୱତ ସୃଜନଶୀଳତା ମଧ୍ୟ ଅବ୍ୟାହତ ରହିଛି ।




© 2026 ବଶିଷ୍ଠ କୁମାର ବେହେରା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/